# ୨୦୧୯-୨୦ ମସିହା ସୁଦ୍ଧା ଓଡିଶାରେ ଆମ ଜଙ୍ଗଲ ଯୋଜନାର ଅଗ୍ରଗତି

ଆମ ଜଙ୍ଗଲ ଯୋଜନା ଓଡିଶା ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ ଅଟେ । ଏହା ଓଡିଶା ବନାଞ୍ଚଳ ଉନ୍ନୟନ ସମିତି ଜରିଆରେ କାର୍ଯ୍ୟକାରୀ କରାଯାଉଅଛି । ରାଜ୍ୟରେ ଜଙ୍ଗଲ ସମ୍ପଦର ନିରନ୍ତର ପରିଚାଳନା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ଅଟେ । ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀମାନଙ୍କର ସହଭାଗୀତାରେ ସେମାନଙ୍କର ଜୀବିକାର ଅଭିବୃଦ୍ଧି ନିମନ୍ତେ ଏହି ପ୍ରକଳ୍ପରେ ଗୁରୁତ୍ୱ ଦିଆଯାଇଅଛି । ଏଥି ପାଇଁ ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲ ଉପରେ ନିକଟସ୍ଥ ଗ୍ରାମବାସୀମାନଙ୍କର ନିର୍ଭରଶୀଳତାକୁ ହ୍ରାସ କରି ବିକଳ୍ପ ଜୀବନ ଜୀବିକାର ବ୍ୟବସ୍ଥା କରିବା ପାଇଁ ଏହି ପ୍ରକଳ୍ପରେ ପଦକ୍ଷେପ ନିଆଯାଇଅଛି । ଏହି ପ୍ରକଳ୍ପର ଅବଧି ୨୦୧୫-୧୬ ଠାରୁ ୨୦୨୧-୨୨ ତଥା ୭ ବର୍ଷ ଅଟେ ।

## ଆର୍ଥିକ ଅଟକଳ:

ଏହି ଯୋଜନା କାର୍ଯ୍ୟକାରୀ ନିମନ୍ତେ ମୋଟ ଆର୍ଥିକ ଅଟକଳ ୧୧୭୦.୦୩ କୋଟି ଟଙ୍କା । ଚାରିଗୋଟି ଆଧାରରୁ, ଯଥା – ୫୧୧.୩୧ କୋଟି ଟଙ୍କା । କାମ୍ପା ପାଣ୍ଠିରୁ, ୨୮୫.୩୫ କୋଟି ଟଙ୍କା । ରାଜ୍ୟ ଯୋଜନାରୁ, ୩୨୨.୧୮ କୋଟି ଟଙ୍କା । ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ ରୋଜଗାର ଯୋଜନା ଏବଂ ୫୧.୧୯ କୋଟି ଟଙ୍କା ଜାତୀୟ ଗ୍ରାମୀଣ ଜୀବିକା ମିଶନରୁ ବ୍ୟବସ୍ଥା କରାଯାଇଅଛି ।

## ଯୋଜନାର କାର୍ଯ୍ୟକ୍ଷେତ୍ର :

ବର୍ତ୍ତମାନ ଏହି ଯୋଜନାକୁ ରାଜ୍ୟର ୨୩ଟି କ୍ଷେତ୍ରୀୟ ତଥା ବନ୍ୟପ୍ରାଣୀ ବନଖଣ୍ଡ (DMUs)ରେ କାର୍ଯ୍ୟକାରୀ କରାଯାଉଅଛି । ଯୋଜନାର ମୋଟ ଲକ୍ଷ୍ୟ ୭୦୦୦ ବନ ସୁରକ୍ଷା ସମିତି ମଧ୍ୟରୁ ୨୦୧୮-୧୯ ସୁଦ୍ଧା ଏହି ପ୍ରକଳ୍ପ ଅଧୀନରେ ୩୧୮୦ ଗୋଟି ବନସୁରକ୍ଷା ସମିତି (VSS)ରେ କାର୍ଯ୍ୟକାରୀ ହେଉଅଛି ଏବଂ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଆଉ ୫୪୦ ଗୋଟି ନୂଆ ବନ ସୁରକ୍ଷା ସମିତି ନିଆ ଯିବାର ଲକ୍ଷଧାର୍ଯ୍ୟ କରାଯାଇଛି । ଏଥି ସହିତ ୭୫୩୪ ଗୋଟି ମହିଳା ସ୍ୱୟଂ ସହାୟକ ଦଳକୁ ମଧ ଏହି ଯୋଜନା ମାଧ୍ୟମରେ ବିଭିନ୍ନ ରୋଜଗାର ବୃଦ୍ଧି କାର୍ଯକ୍ରମ ପାଇଁ ଅନ୍ୟ ବିଭାଗ ସହିତ ଯୋଗାଯୋଗ କରାଇ ଦିଆ ଯାଇଛି । ଏଥିରେ ସ୍ଥାନୀୟ ଗ୍ରାମବାସୀଙ୍କ ସକ୍ରିୟ ସହାୟତାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଉଅଛି ।

## ଆମ ଜଙ୍ଗଲ ଯୋଜନା ଅଧୀନରେ ମୁଖ୍ୟ କାର୍ଯ୍ୟକ୍ରମ:

- ବନସୁରକ୍ଷା ସମିତିର ଚୟନ
- ଜଙ୍ଗଲ ଅଞ୍ଚଳର ସର୍ଭେ ଓ ସୀମା ନିର୍ଦ୍ଧାରଣ
- ଅଣୁ ଯୋଜନାର ପ୍ରସ୍ତୁତି
- ଗ୍ରାମବାସୀ ତଥା ବନବିଭାଗ କର୍ମଚାରୀଙ୍କୁ ତାଲିମ ପ୍ରଦାନ ଜରିଆରେ ସାମର୍ଥ୍ୟ ବୃଦ୍ଧି
- ବୃକ୍ଷରୋପଣ ବିନା ପ୍ରାକୃତିକ ଜଙ୍ଗଲର ଅଭିବୃଦ୍ଧି (ANR without gap)
- କୃତ୍ରିମ ବୃକ୍ଷରୋପଣ (AR)
- ପ୍ରତ୍ୟେକ ଗ୍ରାମରେ ଏକତ୍ରୀକରଣ ଜରିଆରେ ପ୍ରବେଶିକା କାର୍ଯ୍ୟକ୍ରମ (EPA)
- ବନସୁରକ୍ଷା ସମିତିର ଗୃହ ନିର୍ମାଣ
- ସରକାରଙ୍କ ବିଭିନ୍ନ ବିଭାଗର ଉନ୍ନତି ମୂଳକ ଯୋଜନାର ଏକତ୍ରୀକରଣ ଉପାୟରେ ଗ୍ରାମବାସୀଙ୍କ ଜୀବିକା ଉପାର୍ଜନର ଅଭିବୃଦ୍ଧି କରିବା

## ୨୦୧୯-୨୦ ସୁଦ୍ଧା ଆମ ଜଙ୍ଗଲ ଯୋଜନା ଜରିଆରେ ଅଗ୍ରଗତି ଘଟିଥିବା ମୁଖ୍ୟ ବିବରଣୀ:

- ଆମ ଜଙ୍ଗଲ ଯୋଜନା ଅଦ୍ୟାବଧି ମୋଟ ୨୩ ଗୋଟି ବନଖଣ୍ଡ ଓ ୧୨୮ ଗୋଟି ବନାଞ୍ଚଳରେ ୩୧୮୦ ଗୋଟି ବନ ସୁରକ୍ଷା ସମିତି ମାଧମରେ କାର୍ଯକାରୀ ହେଉଛି। ଏଥିରେ ମୁଖ୍ୟତଃ ନିମ୍ନ ଲିଖିତ କାର୍ଯକ୍ରମ କରା ଯାଇଅଛି:
- ମହିଳା ସ୍ୱୟମସହାୟକ ଗୋଷ୍ଠୀ ସଂଖ୍ୟା - ୮୬୧୯
- ପି.ଆର.ଏ. ଶେଷ ହୋଇଥିବା ବନ ସୁରକ୍ଷା ସମିତି ସଂଖ୍ୟା – ୨୯୬୬
- ଅଣୁ ଯୋଜନା ଶେଷ ହୋଇଥିବା VSS ସଂଖ୍ୟା - ୨୮୩୧
- ସର୍ଭେ ଓ ସୀମା ନିର୍ଦ୍ଧାରଣ - ୧୬୯୭୪୮.୭୬ ହେକ୍ଟର (୩,୧୧୪ ଗୋଟି ବନସୁରକ୍ଷା ସମିତିରେ)
- ଅଣୁ ଯୋଜନା ପ୍ରସ୍ତୁତି - ୨,୮୩୧ ଗୋଟି
- ବୃକ୍ଷରୋପଣ ବିନା ପ୍ରାକୃତିକ ଜଙ୍ଗଲରେ ଅଭିବୃଦ୍ଧି (ANR)-୧,୬୦,୭୩୧ ହେକ୍ଟର
- ସମୂହ ବୃକ୍ଷରୋପଣ (Block Plantation) - ୧,୦୧୦ ହେକ୍ଟର
- ବନ ସୁରକ୍ଷା ସମିତି ଗୃହ ନିର୍ମାଣ - ୩୦୦ ଗୋଟି
- ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧମରେ ପ୍ରବେଶିକା କାର୍ଯ୍ୟକ୍ରମ - ୩୮୧ ଟି VSS

- ୧୫ ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର ୧୧୨ ଗୋଟି ଟିମ, ୨୪୧ ଜଣ ଉନ୍ନୟନ ଅଧିକାରୀ ଓ ୨୫୫୯ ଜଣ ଆନିମେଟର ଉକ୍ତ ପ୍ରକଳ୍ପ ଅଧୀନରେ କାମ କରୁଅଛନ୍ତି।
- ପ୍ରକଳ୍ପର କାର୍ଯକ୍ରମ ସମ୍ବନ୍ଧରେ ଅବଧାରଣା ପାଇଁ ୧୧ ଗୋଟି ମାର୍ଗଦର୍ଶିକା ପୁସ୍ତକ ଓ ଦକ୍ଷତା ବିକାଶ ପାଇଁ ୧୧ଗୋଟି ତାଲିମ ନିବନ୍ଧ ପ୍ରସ୍ତୁତ କରାଯାଇ ଅଛି।
- ଅନ୍ୟ ବିଭାଗ ମାନଙ୍କ ସହିତ ସଂଯୋଗୀକରଣ କାର୍ଯକ୍ରମ (Convergence) ମାଧମରେ ୪,୬୭,୭୫୩ ଜଣ ହିତାଧିକାରୀ ମାନଙ୍କୁ ୧୪୬,୭୯,୬୬,୮୩୫ ଟଙ୍କାର ସହାୟତା ଯୋଗାଇ ଦିଆଯାଇ ଅଛି।